# ଅନୁଗୋଳରେ ୧୬୮ ତମ ପେନସନ୍ ଅଦାଲତ ଅନୁଷ୍ଠିତ -

## ଶିକ୍ଷା ବିଭାଗରୁ ଅବସର ନେଇଥିବା ୩୯ଜଣଙ୍କୁ ଚୁଡାନ୍ତ ପେନସନ୍ ପ୍ରଦାନ ।

ଅନୁଗୋଳ,ତା.୩୧.୧୨:- ସରକାରୀ ଚାକିରୀରୁ ଅବସର ନେଉଥିବା କର୍ମଚାରୀମାନଙ୍କୁ ନିର୍ଦ୍ଧିଷ୍ଟ ସମୟ୍ ସୀମା ମଧ୍ୟରେ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରିବା ନିମନ୍ତେ ୨୦୧୯ ବର୍ଷ ପାଇଁ ୨ୟ ଜିଲ୍ଲା ସ୍ତରୀୟ ୧୬୮ ତମ ପେନସନ୍ ଅଦାଲତ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ପେନସନ୍, ପ୍ରିନସପାଲ ଆକାଉଣ୍ଟାଣ୍ଟ ଜେନେରାଲ,କଣ୍ଟ୍ରୋଲ ଅଫ୍ ଆକାଉଣ୍ଟ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଅଦାଲତରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଅଧ୍ୟକ୍ଷତା କରି ଚଳିତ ବର୍ଷରେ ପେନସନ୍ ଅଦାଲତର ପୂର୍ବରୁ ବାକିଥିବା ୩୯ ଜଣ ଶିକ୍ଷା ବିଭାଗର କର୍ମଚାରୀମାନଙ୍କର ଚୁଡାନ୍ତ ପେନସନ ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରିଥିଲେ । ଅବସର ନେଉଥିବା ସରକାରୀ କର୍ମଚାରୀମାନଙ୍କୁ ଏକ ସମୟ୍ଭିତ୍ତିକ ସେବା ଯୋଗାଇ ଦେବା ନିମନ୍ତେ ସରକାରଂକ ସାଧାରଣ ପ୍ରଶାସନ ବିଭାଗ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ଆସନ୍ତା ବର୍ଷ ଠାରୁ ଅନ ଲାଇନ୍‌ରେ ପେନସନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଅବସର ନେବାର ୨ ମାସ ପୂର୍ବରୁ କର୍ମଚାରୀଂକର ସମସ୍ତ ପ୍ରକାର ପେନସନ୍ ପ୍ରକିୟା ଆରମ୍ଭ ହୋଇ ଯେଉଁ ଦିନ କର୍ମଚାରୀ ଅବସର ନେବେ ଠିକ୍ ସେହିଦିନ ତାଂକୁ ଚୁଡାନ୍ତ ପେନସନ୍ ସହ ଅନ୍ୟାନ୍ୟ ପ୍ରାପ୍ୟ ଯୋଗାଇ ଦିଆଯିବ । ଏହାଛଡା ଏଣିକି କର୍ମଚାରୀମାନଙ୍କର ସାମୟ୍ୟିକ ଛୁଟିକୁ ଏଚ୍ ଆର ଏମ୍ ଏସ୍ ପୋର୍ଟାଲରେ ଛଡାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆସିଷ୍ଟାଣ୍ଟ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍ ଶ୍ରୀ କୈଳାଶ ଚନ୍ଦ୍ର ସାମଲ,ସିନିୟ୍ର ଆକାଉଣ୍ଟସ୍ ଅଫିସର ଶ୍ରୀ ମନୋରଂଜନ ପାଣିଗ୍ରାହୀ,ସହକାରୀ ସେକସନ୍ ଅଫିସର ଶ୍ରୀ ମଦନ ମୋହନ ସୋରେନ୍,ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସେକସନ୍ ଅଫିସର ଶ୍ରୀ ଛତିସ୍ ସୋରେନ୍ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇ ସରକାରଂକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ୍ରୁ ଅବସର ନେଇଥିବା ୧୪ ଜଣ ଓ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ୍ ଗୁଡିକରୁ ୨୫ ଜଣ ଏହିପରି ୩୯ଜଣଙ୍କୁ ଆଜି ଚୁଡାନ୍ତ ପେନସନ୍ ପ୍ରଦାନ କରାଯାଇଛି ।


PENSION ADALAT
Date: 31.12.2019 Time: 11.00A.M.
Director, Pension,
Govt. of Odisha, Bhubaneswar



